# ଅଭିନନ୍ଦନୀୟ, କିନ୍ତୁ........

ସଂସଦୀୟ ଗଣତନ୍ତ୍ରରେ ନିଜ ମନ୍ତ୍ରିମଣ୍ଡଳ ଗଠନ କରିବାପାଇଁ ମୁଖ୍ୟମନ୍ତ୍ରୀମାନଙ୍କର ସଂପୂର୍ଣ୍ଣ ସାମ୍ବିଧାନିକ ଅଧିକାର ରହିଥିଲେ ମଧ୍ୟ ସବୁ ଦୃଷ୍ଟିରୁ ଏକ ଗ୍ରହଣଯୋଗ୍ୟ ମନ୍ତ୍ରିମଣ୍ଡଳ ଗଠନ କରିବା ସେମାନଙ୍କର ଏକ କଠିନ ଦାୟିତ୍ୱ । ମନ୍ତ୍ରିମଣ୍ଡଳ ଗଠନ ସମୟରେ ମୁଖ୍ୟମନ୍ତ୍ରୀମାନଙ୍କୁ ବହୁ ରାଜନୈତିକ ଏବଂ ପ୍ରଶାସନିକ ଆବଶ୍ୟକତାକୁ ବିଚାରକୁ ନେବାପାଇଁ ପଡ଼ିଥାଏ । ଏହି ଦୁଇ ଆବଶ୍ୟକତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ହିଁ ମୁଖ୍ୟମନ୍ତ୍ରୀଙ୍କର ପ୍ରଧାନ ଦାୟିତ୍ୱ । ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ସଂପ୍ରସାରିତ ମନ୍ତ୍ରିମଣ୍ଡଳର ସମୀକ୍ଷା ମୂଳତଃ ଏହି ଦୁଇଟି ଦୃଷ୍ଟିକୋଣରୁ କରାଯାଇପାରେ ।

ରାଜନୈତିକ ଦୃଷ୍ଟିକୋଣରୁ ମୁଖ୍ୟମନ୍ତ୍ରୀଙ୍କର ଏହି ପରିବର୍ତ୍ତନ ସର୍ବାଦୌ ଅଭିନନ୍ଦନୀୟ । ବିଭିନ୍ନ କାରଣରୁ ଗତ କିଛି ଦିନ ହେବ ମୁଖ୍ୟମନ୍ତ୍ରୀଙ୍କର ନେତୃତ୍ୱ ପ୍ରତି ଏକ ଆହ୍ୱାନର ସମୟ ଆସି ପହଞ୍ଚିଥିଲା । ଜିଲ୍ଲା ପ୍ରତିନିଧିତ୍ୱ, ଅବହେଳିତ କଳାହାଣ୍ଡି ଓ କୋରାପୁଟକୁ ଅଗ୍ରାଧିକାର, ଆଦିବାସୀ, ହରିଜନ ଓ ମହିଳାମାନଙ୍କୁ ସମୁଚିତ ସମ୍ମାନ ପ୍ରଦର୍ଶନ ଓ ତଥାକଥିତ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ପ୍ରତି ଉଦାରତା ପ୍ରଦର୍ଶନ ଦ୍ୱାରା ମୁଖ୍ୟମନ୍ତ୍ରୀ ଏ ଆହ୍ୱାନର ମୁକାବିଲା କରିପାରିଛନ୍ତି ବୋଲି କୁହାଯାଇପାରେ । ପୂର୍ବର ମନ୍ତ୍ରିମଣ୍ଡଳରେ ଓଡ଼ିଶାର ସବୁ ଜିଲ୍ଲାର ସମାନ ପ୍ରତିନିଧିତ୍ୱ ହୋଇ ପାରିନଥିଲା ବୋଲି ଅଭିଯୋଗ ହେଉଥିଲା । ନୂତନ ମନ୍ତ୍ରୀମାନଙ୍କ ନିଯୁକ୍ତିଦ୍ୱାରା ଜିଲ୍ଲା ପ୍ରତିନିଧିତ୍ୱକୁ ସମ୍ମାନ ଦିଆଯାଇଅଛି । ଆଦିବାସୀ ହରିଜନବହୁଳ କଳାହାଣ୍ଡି, କୋରାପୁଟ ଜିଲ୍ଲା ସଦା ଅବହେଳିତ ବୋଲି ରୀତିମତ ଏକ ଧାରଣା ଓଡ଼ିଶା ଏବଂ ଓଡ଼ିଶା ବାହାରେ ସୃଷ୍ଟି କରାଯାଇଥିଲା ଏବଂ କେତେକ ଏହାକୁ ଏକ ସ୍ଲୋଗାନ୍‌ରେ ପରିଣତ କରି ଶସ୍ତାରାଜନୀତି କରିବାପାଇଁ ଚେଷ୍ଟା ଚଳାଉଥିଲେ । ଏପରିକି ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ପ୍ରଥମ ମନ୍ତ୍ରିମଣ୍ଡଳରେ ଏହି ଗୁରୁଦାୟିତ୍ୱ ବହନ କରିଥିବା ମନ୍ତ୍ରୀ ମହୋଦୟ ମଧ୍ୟ ଏଥିରୁ ବାଦ ପଡ଼ିନଥିଲେ । ବର୍ତ୍ତମାନ କଳାହାଣ୍ଡି ଓ କୋରାପୁଟ ଜିଲ୍ଲାକୁ ସମ୍ମାନ ଦିଆଯାଇଛି ଏବଂ ଆମର ବିଶ୍ୱାସ ଏହାପରେ ଏହି ଜିଲ୍ଲାମାନଙ୍କର ଅବହେଳାର ଅବକାଶ ରହିବନାହିଁ । ମହିଳା-ପ୍ରତିନିଧିତ୍ୱ ରାଜୀବଙ୍କ କଂଗ୍ରେସର ଅନ୍ୟତମ ଉଚ୍ଚ ଆଦର୍ଶ । ଆଉ ଦୁଇଜଣ ମହିଳା ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ନେଇ ମୁଖ୍ୟମନ୍ତ୍ରୀ ଏ ଆଦର୍ଶକୁ ସମ୍ମାନ ଦେଇଛନ୍ତି । ମହିଳା ପ୍ରତିନିଧିମାନେ ସମସ୍ତେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଆସିଥିବା ହେତୁ ସେମାନଙ୍କ ସମସ୍ୟାର ଉଚିତ ପ୍ରତିକାର ହେବ ବୋଲି ଆଶା କରାଯାଏ । ଶ୍ରୀଯୁକ୍ତ ରାସବିହାରୀ ବେହେରା ଗତ କିଛିଦିନ ହେବ ତଥାକଥିତ ଅସନ୍ତୁଷ୍ଟ ଗୋଷ୍ଠୀଙ୍କର ଅନ୍ୟତମ ନେତାଭାବେ ସମ୍ବାଦପତ୍ରମାନଙ୍କ ଦ୍ୱାରା ଚିତ୍ରିତ ହେଉଥିଲେ । ତାଙ୍କୁ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀ କରି ମୁଖ୍ୟମନ୍ତ୍ରୀ ରାଜନୈତିକ ଭାରସାମ୍ୟ ରକ୍ଷା କରିବା ସଙ୍ଗେ ସଙ୍ଗେ ନିଜର ଉଦାର ନେତୃତ୍ୱକୁ ପ୍ରତିପାଦିତ କରିଛନ୍ତି ।

ସଂପ୍ରସାରିତ ମନ୍ତ୍ରିମଣ୍ଡଳରେ ଯେଉଁମାନଙ୍କୁ ନିଆଯାଇଅଛି ସେମାନଙ୍କ ବିଷୟରେ ବିଶେଷ କିଛି ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ହାଇକୋର୍ଟର ପ୍ରତିକୂଳ ମନ୍ତବ୍ୟପରେ ଉଚ୍ଚ ନୈତିକ ପରମ୍ପରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଦୃଷ୍ଟିରୁ ଶ୍ରୀ ନିରଞ୍ଜନ ପଟ୍ଟନାୟକ ସ୍ୱଇଚ୍ଛାରେ ଇସ୍ତଫା ଦେଇଥିଲେ । ତେଣୁ ଉଚ୍ଚତମ ନ୍ୟାୟାଳୟର ରାୟ ବାହାରିବା ପରେ ପରେ ତାଙ୍କ ପାଇଁ ମନ୍ତ୍ରିମଣ୍ଡଳକୁ ଫେରିଆସିବା ଏକ ବ୍ୟକ୍ତିଗତ ମର୍ଯ୍ୟାଦାର ପ୍ରଶ୍ନ ହୋଇଉଠିଥିଲା । କିନ୍ତୁ ତାଙ୍କର ଇସ୍ତଫା ପ୍ରଦାନ ଓ ମନ୍ତ୍ରିମଣ୍ଡଳରେ ପୁନଃପ୍ରବେଶକୁ କେନ୍ଦ୍ରକରି ଯେଉଁ ଗୋଷ୍ଠୀକନ୍ଦଳ ଏବଂ ବିବାଦର ସୂତ୍ରପାତ ହେଲା ତାହା ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ମର୍ଯ୍ୟାଦା ଫେରାଇବା ପରିବର୍ତ୍ତେ କଂଗ୍ରେସ ଦଳର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି ବୋଲି କୁହାଯାଇପାରେ । ଶ୍ରୀ ପଟ୍ଟନାୟକଙ୍କୁ ଉଚ୍ଚତମ ନ୍ୟାୟାଳୟର ରାୟ ବାହାରିବା ପରେ ପରେ ମନ୍ତ୍ରିମଣ୍ଡଳରେ ଗ୍ରହଣ କରାଯିବା ଉଚିତ ଥିଲା । ସେ ଦୃଷ୍ଟିରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ଦଳ କର୍ଣ୍ଣାଟକର ଜନତାଦଳଠାରୁ ଦଳୀୟ ଶୃଙ୍ଖଳା ଏବଂ ସଂହତି ବିଷୟରେ ଯଥେଷ୍ଟ କିଛି ଶିଖିବାର ଅଛି । ଶ୍ରୀ ମତ୍ଲୁବ୍ ଅଲ୍ଲୀ ପୂର୍ବରୁ ମନ୍ତ୍ରିତ୍ୱର ଦାୟିତ୍ୱ ବହନ କରିଛନ୍ତି ଏବଂ ଗତ ୧ ବର୍ଷଧରି ମୁଖ୍ୟ ସଚେତକ ଭାବେ ତାଙ୍କର ଗୁରୁଦାୟିତ୍ୱ ସୁରୁଖୁରୁପେ ସଂପାଦିତ କରିଅଛନ୍ତି । ତେଣୁ ଜଳସେଚନ ଓ ବିଦ୍ୟୁତ୍ ପରି ଏକ ସମସ୍ୟାବହୁଳ ଗୁରୁତ୍ୱପୂର୍ଣ୍ଣ ବିଭାଗର ଆହ୍ୱାନକୁ ସେ ମୁକାବିଲା କରିପାରିବେ ବୋଲି ଆମେ ଆଶା କରୁ । ସେହିପରି ଶ୍ରୀ ହରିହର କରଣ ମଧ୍ୟ ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ପ୍ରଥମ ମନ୍ତ୍ରିମଣ୍ଡଳରେ ଅନ୍ୟତମ ସହକର୍ମୀ ଭାବେ ୫ ବର୍ଷ ଧରି ବିଭିନ୍ନ ବିଭାଗର ଦାୟିତ୍ୱ ବହନ କରିଆସିଥିଲେ । କ୍ୟାବିନେଟ୍ ପାହ୍ୟାକୁ ଉନ୍ନୀତ କରି ତାଙ୍କ ପ୍ରତି ଯେଉଁ ଆସ୍ଥା ଓ ବିଶ୍ୱାସ ମୁଖ୍ୟମନ୍ତ୍ରୀ ପ୍ରଦର୍ଶନ କରିଛନ୍ତି ସେ ତାହା ଚରିତାର୍ଥ କରିପାରିବେ ବୋଲି ମଧ୍ୟ ଆମେ ଆଶା କରୁଛୁ । ଶ୍ରୀ ରାସବିହାରୀ ବେହେରା ପୂର୍ବରୁ ମନ୍ତ୍ରୀ ନ ହୋଇଥିଲେ ମଧ୍ୟ ବିଧାନସଭା ଓ ଲୋକସଭାର ଦୀର୍ଘ ଅଭିଜ୍ଞତା ତାଙ୍କୁ ତାଙ୍କର ନୂତନ ଦାୟିତ୍ୱକୁ ସଂପାଦନ କରିବାରେ ସହାୟକ ହେବ । ସେହିପରି ସହଯୋଗୀ ମନ୍ତ୍ରୀ ଭାବେ, ଉପମୁଖ୍ୟ ସଚେତକ ଶ୍ରୀ ଭୁପିନ୍ଦର ସିଂହ ଏବଂ ପୂର୍ବତନ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ ମଧ୍ୟ ସଂପୂର୍ଣ୍ଣନବାଗତ ନୁହନ୍ତି । ଶ୍ରୀମତୀ ପରମା ପୂଜାରୀ ସଂପୂର୍ଣ୍ଣ ନବାଗତା ଭାବେ ଅନ୍ୟ ୨୨ ଜଣ ବରିଷ୍ଠ ମନ୍ତ୍ରୀମାନଙ୍କଠାରୁ ନିଶ୍ଚିତ ଭାବରେ ଆବଶ୍ୟକ ସହଯୋଗ ଓ ସହାନୁଭୂତି ପାଇବେ ।

ପ୍ରଶାସନିକ ଦୃଷ୍ଟିରୁ ବିଭାଗୀକରଣ ପ୍ରକ୍ରିୟାରେ କେନ୍ଦ୍ରୀୟ ଢାଞ୍ଚାକୁ ଗ୍ରହଣ କରାଯାଇଥିବା ଶାସନ ସଂସ୍କାର ଦୃଷ୍ଟିରୁ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଜଙ୍ଗଲ ଓ ପରିବେଶକୁ ଗୋଟିଏ ବିଭାଗ କରିବା ତଥା ଶିଳ୍ପ, ବିଜ୍ଞାନ ଓ କାରିଗରୀକୁ ମିଶାଇ ଏକ ସ୍ୱତନ୍ତ୍ର ବିଭାଗ କରିବା ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀଙ୍କର ନୂତନ ଆଭିମୁଖ୍ୟର ପ୍ରଭାବର ପରିଚୟ ଦେଉଛି । ଶିକ୍ଷାମନ୍ତ୍ରୀଙ୍କୁ ଆଉ ଜଣେ ସହଯୋଗୀ ମନ୍ତ୍ରୀଙ୍କର ସାହାଯ୍ୟ ଦାନ କରି ମୁଖ୍ୟମନ୍ତ୍ରୀ ବିଚକ୍ଷଣତାର ପରିଚୟ ଦେଇଛନ୍ତି । ସମସ୍ୟାବହୁଳ ଶିକ୍ଷା ବିଭାଗରେ ରାଜୀବ ଗାନ୍ଧୀଙ୍କ ନୂତନ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବାପାଇଁ ଏ ପ୍ରକାର ସହଯୋଗର ଏକାନ୍ତ ଆବଶ୍ୟକତା ଥିଲା । କିନ୍ତୁ ଜଣେ କ୍ରୀଡ଼ାବିତ୍ କିମ୍ବା କ୍ରୀଡ଼ାନୁରାଗୀଙ୍କୁ ଏ ପ୍ରକାର ସହଯୋଗୀ ମନ୍ତ୍ରୀଙ୍କର ଦାୟିତ୍ୱ ଦେଇଥିଲେ ଅଧିକ ସମୀଚୀନ ହୋଇଥାନ୍ତା । ଏ ପ୍ରକାର କ୍ରୀଡ଼ାବିତ୍ ଓ କ୍ରୀଡ଼ାନୁରାଗୀଙ୍କର ଅଭାବ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ନାହିଁ । ସେହିପରି ସୂଚନା ଓ ଲୋକସଂପର୍କ ବିଭାଗକୁ ଜଳସେଚନ ରାଷ୍ଟ୍ରମନ୍ତ୍ରୀଙ୍କୁ ଦେଇ ତାଙ୍କୁ ଅଯଥା ଭାରାକ୍ରାନ୍ତ କରିବା ସଙ୍ଗେ ସଙ୍ଗେ ସୂଚନା ଓ ଲୋକସଂପର୍କ ବିଭାଗର ଗୁରୁତ୍ୱକୁ ଉପଯୁକ୍ତ ମାନ୍ୟତା ଦିଆଯାଇନାହିଁ । ଆମ ବିଚାରରେ ଏ ସରକାରଙ୍କର ସୂଚନା ଓ ଲୋକସଂପର୍କ ପ୍ରତି ଟିକିଏ ଅଧିକ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

ଏ ପରିବର୍ତ୍ତନରେ କୌଣସି ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇନାହିଁ । ଶ୍ରୀ ଅନୁପ ସିଂହଦେଓ ସ୍ୱଇଚ୍ଛାରେ ଇସ୍ତଫା ଦେଇଛନ୍ତି ବୋଲି ପ୍ରକାଶ କରାଯାଇଅଛି । ଯେଉଁମାନେ ପୁରୁଣା ମନ୍ତ୍ରିମଣ୍ଡଳରେ ଘାଣ୍ଟୁତ୍ୱର ସୂଚନା ପାଉଥିଲେ ସେମାନେ ନିଶ୍ଚିତଭାବରେ ଏ ପରିବର୍ତ୍ତନରେ ସନ୍ତୁଷ୍ଟ ହେବେ ନାହିଁ । କାରଣ ପ୍ରକାରାନ୍ତରେ ସବୁ ମନ୍ତ୍ରୀ ସମର୍ଥ ବୋଲି ଏହାଦ୍ୱାରା ସ୍ୱୀକାର କରିବାକୁ ହେବ । କିନ୍ତୁ ଆମ ବିଚାରରେ ପ୍ରଶାସନିକ ଦକ୍ଷତା ଅପେକ୍ଷା ରାଜନୈତିକ ଭାରସାମ୍ୟ ବରିଷ୍ଠ ମନ୍ତ୍ରୀମାନଙ୍କର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ବିଶେଷ ଭାବରେ ଦାୟୀ । ତେଣୁ ଏହି ବରିଷ୍ଠ ମନ୍ତ୍ରୀମାନେ ନିଜର ପ୍ରଶାସନିକ ଦକ୍ଷତାର ପରିଚୟ ଦେବାର ଆହ୍ୱାନ ବର୍ତ୍ତମାନ ସୃଷ୍ଟି ରହିଛି । ତେବେ, ମୁଖ୍ୟମନ୍ତ୍ରୀ ସବୁ ବିଭାଗଯାକ ମାଡ଼ିବସିଛନ୍ତି ବୋଲି ଯେଉଁ ଅଭିଯୋଗ ବରାବର ହୋଇଆସୁଥିଲା, ଏ ପରିବର୍ତ୍ତନ ପରେ ତାହାର ଆଉ ଅବକାଶ ନାହିଁ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ତାଙ୍କର ସହଯୋଗୀମାନଙ୍କର କାର୍ଯ୍ୟତଦାରଖ କରିବାପାଇଁ ତଥା ରାଜ୍ୟର ସାମୁହିକ ବିକାଶର ନୂତନ ପରିକଳ୍ପନା ପାଇଁ ଯଥେଷ୍ଟ ଅଧିକ ସମୟ ପାଇବେ ।